# Akashvani, Sambalpur

# SAMBALPURI NEWS MORNING BULLETIN

# 24 April 2026 - 6.47- 6.52 am.

---

ମୁଖ୍ୟମନ୍ତ୍ରୀ ଆର୍ଏନ୍ୟୁ/ ସମ୍ବଲପୁର

ସର୍କାରୀ ଚାକିରୀ ଖାଲି ଗୁଟେ ଜୀବିକା ନୁହେଁ, ଲୁକ୍‌କର୍ ସେବା କର୍‌ବାର୍ ଲାଗି ଇଟା ଗୁଟେ ବଡ଼ ସୁଯୋଗ୍ ଆଏ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଗଲକାଏଲ୍ ଭୁବ୍‌ନେଶ୍ୱର୍ ନ ହେଇଥିବା ୧୫ ନମ୍ବର୍ ନିଯୁକ୍ତି ମେଳାଥି ନୂଆଁନିଯୁକ୍ତ ମାନ୍‌କୁ ଅଭିନନ୍ଦନ୍ ଜନେଇକରି ମୁଖ୍ୟମନ୍ତ୍ରୀ କହିଛନ୍, ଶାସନ୍ ଆଉ ପ୍ରଶାସନ୍ ବ୍ୟବସ୍ଥାଥି ସର୍କାରୀ ଅଧିକାରୀ ଆଉ କର୍ମଚାରୀମାନେ ହେଉଛନ୍ ସର୍କାର୍‌ଙ୍କର୍ ପ୍ରକୃତ୍ ଚେହେରା । ନୂଆଁକରି ନିଯୁକ୍ତି ପାଇଥିବା କର୍ମଚାରୀ ମାନେ ରାଜ୍ୟର୍ ବୃହତର ସ୍ୱାର୍ଥ ଲାଗି ପୁରା ଦକ୍ଷତା ଆଉ କର୍ତବ୍ୟବୋଧ, ସମର୍ପଣ୍ ଆଉ ସ୍ୱଚ୍ଛତାର୍ ସହେତେ ଦାୟିତ୍ୱ ତୁଲାବେ ବଲି ମୁଖ୍ୟମନ୍ତ୍ରୀ ଆଶା କରିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଗଲାକାଏଲ୍ ନିଯୁକ୍ତି ମେଳା ଅବ୍‌ସରେ ୭

ଟା ବିଭାଗ୍‌ଥି ୪ ହଜାର୍ ୬ ଶହ ୨୩ ଝନ୍‌କୁ ନିଯୁକ୍ତିପତ୍ର ଦିଆଯାଇଥିଲା ।

ଜାତୀୟ ପଂଚାୟତିରାଜ୍        ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ଜାତୀୟ ପଂଚାୟତ୍‌ରାଜ୍ ଦିବସ୍ । ପଂଚାୟତ୍‌ସ୍ତର୍‌ଥି ଜନପ୍ରତିନିଧିମାନ୍‌କୁ କ୍ଷମତା ଦେବାର୍ ସହେତେ ସାମାଜିକ ସ୍ତର୍‌ଥି ଲୋକ୍‌ମାନ୍‌କୁ ବର୍‌କସ୍ କର୍‌ବାର୍ ଲାଗି ୧୯୯୩ ମସିହା ଆଝିର୍ ଦିନେ ପଂଚାୟତ୍ ଆଇନ୍‌ର ସଂଶୋଧନ୍ କରାଯାଇଥିଲା । ୨୦୧୦ ମସିହା ଆଝିର୍ ଦିନୁ ଜାତୀୟ ପଂଚାୟତିରାଜ୍ ଦିବସ୍ ପାଲନ୍ ହେଇଆସୁଛେ ।

ଜାତୀୟ ପଂଚାୟତ୍‌ରାଜ୍ ଦିବସ୍ ଅବ୍‌ସରେ ଆଏଜ୍ ବଲାଙ୍ଗିର୍ ଗାନ୍ଧୀ ଷ୍ଟାଡ଼ିୟମ୍ ଠାନେ ହେବାର୍‌କେ ଥିବା ରାଜ୍ୟସ୍ତରୀୟ ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ସମାରୋହଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍, ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍, ବଲାଙ୍ଗିର୍

ସାଂସଦ୍ ସଂଗୀତା କୁମାରୀ ସିଂହଦେଓ ଆଉ ବିଧାୟକ୍ ମାନେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ରାଜସ୍ୱ ମନ୍ତ୍ରୀ          ଆର୍ଏନ୍ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଠାନେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷଙ୍କର୍ ତର୍ଫୁ 'ଭବିଷ୍ୟତ୍ ବିପତି ପ୍ରସ୍ତୁତି ଆଉ ସହନ୍‌ଶୀଳତା' ଶୀର୍ଷକ୍ ୨ ଦିନିଆ ଆଲୋଚନା କାର୍ଯ୍ୟକ୍ରମ୍ ଗଲାକାଏଲ୍ ମୁଲ୍ ହେଇଛେ । ରାଜସ୍ୱ ଆଉ ବପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ଇତାକେ ଉଦ୍‌ଘାଟନ୍ କରିକରି କହିଛନ୍, ରାଜ୍ୟର୍ ବିପର୍ଯ୍ୟୟ ଚେରେଷ୍ଟାଥି ସାରା ପୁର୍‌ଥି ନ ପ୍ରଶଂସିତ ହେଇଛେ । ସମ୍‌କର୍ ସାମୂହିକ୍ ପରିଚାଳନାଥି ଫିଁ ଥର ବିପର୍ଯ୍ୟୟକେ ପ୍ରତିହତ୍ କରାଯାଇପାର୍‌ବା ବଲି ସେ କହିଥିଲେ । ଇ ଅବ୍‌ସରେ ବରିଷ୍ଠ ଅଧିକାରୀ ବିଶେଷଜ୍ଞ ଆଉ ଜାତୀୟ, ଅନ୍ତର୍ଜାତୀୟ ସଂଗଠନ୍‌ର ପ୍ରତିନିଧି ମାନେ ଯୋଗ୍ ଦେଇକରି ଭବିଷ୍ୟତ୍ ବିପଦ୍ ଆଉ ଜଲ୍‌ବାୟୁ ବାବଦ୍ ସମସ୍ୟା ଆଉ ଆଏବା

ଦଶକ୍‌ଥି ଓଡ଼ିଶାର୍ ପ୍ରତିରୋଧ୍ ଦକ୍ଷତା ବଢ଼ାବାର୍ ଲାଗି ସୁସଂଗଠିତ୍ ରୋଡ୍‌ମେପ୍ ଉପ୍‌ରେ ଆଲୋଚନା କରିଥିଲେ ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୩୩ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍ ଆଉ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଳିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ମୁଖ୍ୟ ଶାସନ୍ ସଚିବ-ବିଦ୍ୟୁତ୍ ବିତରଣ   ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ବିଜ୍‌ଲି ଯୋଗାଣ୍ କରୁଥିବାର୍ ବିଦ୍ୟୁତ୍ ବିତରଣ କମ୍ପାନୀ-ଡସ୍‌କମ୍ ବୋର୍ଡ୍ ବୈଠକ୍ ଭୁବ୍‌ନେଶ୍ୱର୍ ନ ହେଇଯାଇଛେ । ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଅଲ୍‌ଗା ଅଲ୍‌ଗା କରି ହେଇଥିବା ବୈଠକ୍ ମାନ୍‌କେ ବିଦ୍ୟୁତ୍ ବିତରଣ୍ କମ୍ପାନୀ-ଡିସ୍‌କମ୍ ମାନ୍‌କର୍ କାର୍ଯ୍ୟଦକ୍ଷତା ପରିଚାଳନା ଆଉ ନିଆଯିବାର୍‌କେ ଥିବାର୍ ପଦକ୍ଷେପ୍ ବାବ୍‌ଦେ ସମୀକ୍ଷା କରାଯାଇଥିଲା । ସାରା ରାଏଜେ ଦକ୍ଷ ଆଉ ଅହରହ ବିଜ୍‌ଲି ଯୋଗାଣ୍ ସୁନିଶ୍ଚିତ୍ କର୍‌ବାର୍ ଲାଗି ବିଦ୍ୟୁତ୍ ଯୋଗାଣ୍ ନିର୍ଭରଯୋଗ୍ୟତା, ବିଦ୍ୟୁତ୍ ସଂଚରଣ୍‌ଥି ନୁକ୍‌ସାନ୍ କମାବାର୍, ଗ୍ରାହକ୍‌ମାନ୍‌କୁ ସେବା ଦେବାର୍ ଆଉ ଭିତିଭୂମି ଉନ୍ନତି ବିଷେ ଆଲୋଚନା କରାଯାଇଥିଲା ।

କବାଡ୍ଡି ପ୍ରିମିୟର୍ ଲିଗ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍ପୁର୍ ଟାଉନ୍ହଲ୍ ପଡ଼ିଆ ନ ସ୍ୱର୍ଗତ୍ ସୁରେଶ୍ ସେଠ୍ ମେମୋରିଆଲ୍ କବାଡ଼ି ପ୍ରିମିୟର୍ ଲିଗ୍ ମୁଲ୍ ହେଇଛେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଇତାର୍ ଶୁଭାରମ୍ଭ କରିଛନ୍ । ଇ ଅବ୍ସରେ ସେ କହିଛନ୍, ସମ୍ବଲ୍ପୁର୍ ଜିଲ୍ଲା ନ ଫୁଟ୍ବଲ୍, ହକି, କ୍ରିକେଟ୍ ଆଉ ପହଁରା ସହେତେ କବାଡ଼ିର ଗୁଟେ ବର୍କସ୍ ପରମ୍ପରା ରହିଛେ । ପ୍ରତିଯୋଗିତାଥି ଭାଗ୍ ନେଇଥିବା ଖେଲାଲିମାନ୍କୁ ଶୁଭେଚ୍ଛା ଜନାବାର୍ ସହେତେ ସାମଗ୍ରିକ୍ କ୍ରୀଡ଼ାର୍ ବିକାଶ୍ ଉପ୍ରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ଜୋର୍ ଦେଇଥିଲେ । ଇ ଲିଗ୍ ମେଚ୍ଥି ୧୨ ଟା ଦଲ୍ ଭାଗ୍ ନେଇଛନ୍ ।

ସିବିଏସ୍ଇ ବୋର୍ଡ଼ ପରୀକ୍ଷା ଆର୍ଏନ୍ୟୁ/ ସମ୍ବଲପୁର

କେନ୍ଦ୍ରୀୟ ମାଧ୍ୟମିକ୍ ଶିକ୍ଷା ବୋର୍ଡ଼- ସିବିଏସ୍ଇ ୧୦ ଶ୍ରେଣୀର୍ ୨ ନମ୍ବର୍ ବୋର୍ଡ଼ ପରୀକ୍ଷା ଆଏବା ମାସର୍ ୧୫ ତାରିଖ୍ନୁ ମୁଲ୍ ହେଇକରି ୨୧ ତାରିଖ୍ତକ୍ ଚାଲ୍ବା । ସଖାଲର୍ ସାଢ଼େ ୧୦ ବଜେନୁ ଦେଢ଼୍ ବଜେତକ୍ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବେ । ୨ ନମ୍ବର୍ ବୋର୍ଡ଼ ପରୀକ୍ଷା ପୁରାପୁରି ଭାବେ ଛାତ୍ରଛାତ୍ରୀମାନ୍କର୍

ଇଚ୍ଛାଧୀନ୍ ଆଏ । ପରୀକ୍ଷା ମାର୍କାଥି ପ୍ରତିଶତ୍ ବଢ଼ାବାର୍କେ ଚାହୁଁଥିଲେ ପରୀକ୍ଷାର୍ଥୀମାନେ ବିଜ୍ଞାନ୍, ଗଣିତ, ସାମାଜିକ୍ ବିଜ୍ଞାନ୍ ଆଉ ଭାଷା ଭିତ୍ରୁ ୩ ଟା ବିଷେଥି ଇ ପରୀକ୍ଷା ଦେଇପାର୍ବେ । ବୋର୍ଡ଼୍ ତର୍ଫୁ ୧୦ ଶ୍ରେଣୀର୍ ପହେଲା ମୁଖ୍ୟ ପରୀକ୍ଷାଫଲ୍ ଇ ମାସର୍ ୧୫ ତାରିଖ୍ ଘୋଷ୍ନା କରାଯାଇଥିଲା ।

ସୂର୍ଯ୍ୟମନ୍ଦିର୍- ବାଏଲ୍‌କଢ଼ା ଟନେଲ୍ ନିର୍ମାଣ    ପୁରୀ ସମ୍ବାଦଦାତା

କୋଣାର୍କ ସୂର୍ଯ୍ୟମନ୍ଦିର୍‌ର ଜଗମୋହନ୍ ଗର୍ଭଗୃହ ନ ବାଏଲ୍ ବାହାର କର୍‌ବାର୍ ଲାଗି ଟନେଲ୍ ତିଆର୍ ମୁଲ୍ ହେଇଛେ । ବାଏଲ୍ ବାହାର୍ କରାଯିବାର୍ ଉତ୍ରୁ ମନ୍ଦିର୍ ଲାଗି କେନ୍‌ସି ବିପଦ୍ ନାଇଁନ ବଲି ଭାରତୀୟ ପ୍ରତ୍ନତତ୍ୱ ବିଭାଗ୍‌ର ସୁପରିଟେଣ୍ଡେଂଟ୍ ସୂଚ୍‌ନା ଦେଇଛନ୍ । ଭାରତୀୟ ପ୍ରତ୍ନତତ୍ୱ ବିଭାଗ୍‌ର ଡିଜିଙ୍କର୍ ନିର୍ଦ୍ଦେଶ୍‌ଥି ଗୁଟେ ତଦାରଖ୍ ଦଲ୍‌ର ପ୍ରତ୍ୟକ୍ଷ ଦେଖ୍‌ରେଖ୍‌ଥି ଇ କାମ୍ କରାଯାଉଛେ । ଗଲା ୪ ମାସ୍ ହେଲା ବାଏଲ୍ ବାହାର୍ କର୍‌ବାର୍ ପ୍ରକ୍ରିୟା ବନ୍ଦ୍ ରହିଥିଲା । ପହେଲା ଖେପେ ଗର୍ଭଗୃହନୁ ବାଏଲ୍ ବାହାର କରାଯିବାର୍

ସହେତେ ମନ୍ଦିର୍ ଗର୍ଭଗୃହ କାନ୍ଥିର୍ ଚଉଡ଼ା ମାପ୍‌ବାର୍ ଲାଗି ଡ୍ରିଲିଂ କାମ୍ ମୁଲ୍ ହେଇଥିଲା ।